## ସଂକ୍ଷେପରେ

ଏଟିଏମ୍ ଲୁଟ୍ ଘଟଣା

### ଅଭିଯୁକ୍ତଙ୍କ ସୂଚନାକୁ ଆଧାରକରି ବିଭିନ୍ନ ସାମଗ୍ରୀ ଜବତ

ନନ୍ଦପୁର, ୨୮।୨- କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅନ୍ତର୍ଗତ ବାଲଡ଼ା ଏଟିଏମ୍ ଲୁଟ୍ ଘଟଣାରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଚମ୍ପାପୁଟ ବ୍ରିଜତଳୁ ଜବତ କରିଛି। କୋରାପୁଟପୋଲିସ ଦୁଇ ଆନ୍ତଃରାଜ୍ୟ ଲୁଟେରାଙ୍କୁ ସୋମବାର ଗିରଫ ପରେ ଜେରା କରିଥିଲା। ସେମାନଙ୍କ ସୂଚନା ଆଧାରରେ ପାଡୁଆ ପୋଲିସ ପାଡୁଆ-ଚମ୍ପାପୁଟ ବ୍ରିଜତଳୁ ୨ଟି ଛୋଟ ଗ୍ୟାସ ସିଲିଣ୍ଡର, ୱେଲଡିଂ ମେଶିନ, ପାଇପ ଓ ସ୍ପ୍ରେ, ଟୋପି, ୨ଟି ଗ୍ଲୋଭସ ଓ ଗୋଟିଏ ଷ୍ଟଲ ଜବତ କରିଛି। ଏଟିଏମ୍ ଲୁଟ୍ ସମୟରେ ଉକ୍ତ ସାମଗ୍ରୀ ଏଟିଏମ କାଟିବା ଓ ଟଙ୍କା ବାକ୍ସ କାଢିବାରେ ଅଭିଯୁକ୍ତମାନେ ବ୍ୟବହାର କରିଥିଲେ। ଟଙ୍କା ଲୁଟ୍ କରି ସେମାନେ ପ୍ରମାଣ ନଷ୍ଟ କରିବାକୁ ଏଟିଏମ୍‌ରେ ନିଆଁ ଲଗାଇ ଦେଇଥିବା ଗିରଫ ୨ ଅଭିଯୁକ୍ତ ସ୍ୱୀକାର କରିଥିବା ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଓ ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।

### ଚୋରା ମଦ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ

ଜୟପୁର, ୨୮।୨ (ନି.ପ୍ର.)- ଚୋରାରେ ଦେଶୀମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉକରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ନୀଳାଗୁଡ଼ାର କୈଳାସ ଭୁଇଁସା ଓ ସୌରାଗୁଡ଼ାର ତୁଳସା ନାଗ। ଏନେଇ ସୂଚନା ପାଇ ଜୟନଗରଠାରେ କର୍ମଚାରୀମାନେ ଜଗି ରହିଥିଲେ। କୈଳାସ ଏକ ବାଇକ୍‌ରେ ଦେଶୀ ମଦ ଧରି ଜୟପୁର ସହରକୁ ଆସୁଥିବା ବେଳେ ଜୟନଗରଠାରେ ଜଗିଥିବା କର୍ମଚାରୀମାନେ ଚଢ଼ାଉକରି ତାଙ୍କଠାରୁ ୧୦ ଲିଟର ଦେଶୀ ମଦ ଓ ବାଇକ୍ ଜବତ କରିଥିଲେ। ସେହିପରି ସୌରାଗୁଡ଼ାର ତୁଳସା ଦେଶୀ ମଦ ଧରି ଆସୁଥିବା ବେଳେ ଅବକାରୀ କର୍ମଚାରୀମାନେ ତାଙ୍କୁ ମଧ ଚଢ଼ାଉ କରି ଧରିଥିଲେ। ତାଙ୍କଠାରୁ ୧୦ ଲିଟର ମଦ ଜବତ ହୋଇଛି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

### ତମାଖୁ, ପୁଡ଼ିଆ ବନ୍ଦ କରିବା ନେଇ ଦାବି

ଜୟପୁର, ୨୮।୨ (ନି.ପ୍ର.)- ସାମାଜିକ କର୍ମୀ ବି.ହରି ରାଓଙ୍କ ନେତୃତ୍ୱରେ ଯୁବକମାନେ ତମାଖୁ, ଖଇନି ପୁଡ଼ିଆ ବିକ୍ରି ବନ୍ଦ କରିବାକୁ ଦାବି କରିଛନ୍ତି। ଏନେଇ ସେମାନେ ଉପଜିଲାପାଳଙ୍କୁ ମଙ୍ଗଳବାର ଏକ ଦାବିପତ୍ର ଦେଇଛନ୍ତି। ସ୍ୱାସ୍ଥ୍ୟ ହାନିକାରକ ପଦାର୍ଥ ତମାଖୁ, ଖଇନି ପୁଡ଼ିଆ ତିଆରି କରି କେତେକ କମ୍ପାନୀ ବଜାରକୁ ଛାଡୁଛନ୍ତି। ଏହାକୁ ଖାଇ ଲୋକେ କର୍କଟ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରୁଛନ୍ତି। ଉକ୍ତ ଶରୀର କ୍ଷତିକାରକ ପଦାର୍ଥଗୁଡ଼ିକ ପ୍ରସ୍ତୁତ କରୁଥିବା ସମ୍ପୃକ୍ତ କମ୍ପାନୀ ବନ୍ଦ କରିବାକୁ ଦାବି କରାଯାଇଛି। ଏହାଦ୍ୱାରା ଜନସାଧାରଣଙ୍କ ଜୀବନ ରକ୍ଷା ହୋଇପାରିବ ବୋଲି ଦାବିପତ୍ରରେ କୁହାଯାଇଛି।

### ଗଞ୍ଜେଇ ଚାଲାଣକାରୀ ଗିରଫ



ଜୟପୁର,୨୮।୨(ନି.ପ୍ର.)- ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ଜଣକୁ ଗିରଫ କରିଛି। ସେ ହେଲେ ନବରଙ୍ଗପୁରର ସନ୍ତୋଷ ରାୟ (୩୮)। ସୂଚନା ଅନୁଯାୟୀ, ସନ୍ତୋଷ ଏକ ବ୍ୟାଗ୍‌ରେ ଗଞ୍ଜେଇ ଧରି ହରଡ଼ାପୁଟଠାରେ ବସ୍‌କୁ ଅପେକ୍ଷା କରିଥିଲେ। ଜୟପୁର ଅବକାରୀ ବିଭାଗ ସୂଚନା ପାଇ ସେଠାରେ ଚଢ଼ାଉକରି ୮ କେଜି ୮ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି।

### ଗାଗନାପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜୟପୁର,୨୮।୨ (ନି.ପ୍ର.)- କୋରାପୁଟ ଜିଲା ଜୟପୁର ଗାଗନାପୁରସ୍ଥିତ ନୂତନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୃତ୍ୟୁଞ୍ଜୟ ପଣ୍ଡା ଏବଂ ସମ୍ମାନିତ ଅତିଥି ରୂପେ ସିଆରସିସି ସର୍ବେଶ୍ୱର ପଟ୍ଟନାୟକ,ଭୀମ ଜାନି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ବିଜୟାଲକ୍ଷ୍ମୀ ସାମନ୍ତରାୟଙ୍କ ସହ ଗ୍ରାମର ତାପସ ପଣ୍ଡା ଏବଂ ଛାତ୍ରୀ ଛାତ୍ରୀଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ରଞ୍ଜିତା କୁମାରୀ ଦେବୀ, ମମତା ତ୍ରିପାଠୀ, ସୁମନ ମୁଦୁଲି, ସ୍ୱର୍ଣ୍ଣଲତା ପାଲ ରଞ୍ଜିତ ମହାନ୍ତି, ମନୋଜ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷା ବିତରଣର ଆଲୋକବର୍ତ୍ତିକା ସାଜିଛି ବିଦ୍ୟାଳୟ

**ଏକ୍ସବୋର୍ଡ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଉଦ୍‌ଯାପିତ**




ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

ମାଲକାନଗିରି,୨୮।୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ପୂର୍ବତନ ଏକ୍ସବୋର୍ଡ ପ୍ରାଥମିକ ବିଦ୍ୟାଳୟର ଚାଲିଥିବା ୨ଦିନିଆ ଶତବାର୍ଷିକୀ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ଧରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ମାନସ ମାଡକାମି, ମୁଖ୍ୟବକ୍ତା ଜିଲା ଶିକ୍ଷା ଅଧିକାରୀ ମାନସ ଜେନା, ସମ୍ମାନିତ ଅତିଥି ରୂପେ ଖଇରପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଶିଭୂଷଣ ମିଶ୍ର, ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ, ପୂର୍ବତନ ଛାତ୍ର ସଂଘ ସଭାପତି ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାପାତ୍ର ବିବରଣୀ ପାଠ କରିଥିଲେ। ମାଲକାନଗିରି ଜିଲାର ସର୍ବପୁରାତନ ବିଦ୍ୟାଳୟ ରୂପେ ପରିଚିତ ଏହି ଶିକ୍ଷାନୁଷ୍ଠାନ ଶିକ୍ଷା ବିତରଣର ଆଲୋକବର୍ତ୍ତିକା ସାଜିଛି। ଯେଉଁ ସମୟରେ ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳର ଗ୍ରାମବାସୀ ନିଜ ପିଲାଙ୍କୁ ବିଦ୍ୟାଳୟକୁ ପାଠ ପଢିବାକୁ ନ ଛାଡି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାରେ ନିୟୋଜିତ କରୁଥିଲେ ସେହି ସମୟରେ ଏହି ବିଦ୍ୟାଳୟର ତତ୍କାଳୀନ ଶିକ୍ଷୟିତ୍ରୀ ଶିକ୍ଷକମାନେ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ିବା ଲାଗି ଘରଘର ବୁଲି ଅଭିଭାବକମାନଙ୍କୁ ବୁଝାଉଥିଲେ। ସେତେବେଳେ ସେମାନେ ବହୁ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇଥିଲେ। କେବଳ ଗୋଟିଏ ଶିକ୍ଷାନୁଷ୍ଠାନକୁ ବଞ୍ଚାଇ ରଖି ଆଭ୍ୟନ୍ତରୀଣ ଅଞ୍ଚଳରେ ଶିକ୍ଷାର ଆଲୋକ ବୁଣିବା ସେମାନଙ୍କ ଲକ୍ଷ୍ୟ ଥିଲା। ଏବେ ଏହି ଅନୁଷ୍ଠାନର ଶୈକ୍ଷିକ ପରିବେଶ ବହୁ ଉଚ୍ଚରେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ମଞ୍ଚାସୀନ ଅତିଥିମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ପରେ ବିଭିନ୍ନ କ୍ରୀଡା, ନୃତ୍ୟ ଓ ସଙ୍ଗୀତରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ୨ଦିନିଆ ଉତ୍ସବକୁ ଦୁର୍ଗାପ୍ରସାଦ ପଟ୍ଟନାୟକ, ବାଲାରାଜୁ ପାଢୀ, ସୀମାଞ୍ଚଳ ପାଣିଗ୍ରାହୀ, ଶିବପ୍ରସାଦ ପାତ୍ର, ଏସ୍. ଏରାସ୍ୱାମୀ, ବ୍ରଜ କିଶୋର ପାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସିମାଞ୍ଚଳ ପଣ୍ଡା, ରବି ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ସାହୁ, ଏଙ୍କେଟ ରାଓ, ସୁରେନ୍ଦ୍ର ପାଢୀ ପ୍ରମୁଖ ପରିଚାଳନା କରଥିଲେ। ସୂଚନାଯୋଗ୍ୟ, ମାଲକାନଗିରି ଜିଲାର ଏହି ବିଦ୍ୟାଳୟ ୧୯୨୦ରେ ସ୍ଥାପିତ ହୋଇଥିଲେ ମଧ କରୋନା ମହାମାରି ଯୋଗୁ ୨୦୨୦ରେ ଏହାର ଶତବାର୍ଷିକୀ ପାଳନ କରିପାରି ନ ଥିଲା।

# ଭିଜିଲାନ୍ସର ଦ୍ୱାରସ୍ଥ ହେଲେ ବ୍ଲକ ଅଧ୍ୟକ୍ଷା

ଜୟପୁର, ୨୮।୨ (ନି.ପ୍ର.)

**ଅନୁଦାନ ପାଣ୍ଠି ହେରଫେର ଅଭିଯୋଗ**



ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିବା ବ୍ଲକ ଅଧ୍ୟକ୍ଷା।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଫୁଫୁଗାଁ ପଞ୍ଚାୟତର ଜବାପାତ୍ରପୁଟ ଗ୍ରାମରେ ଅମୃତ ସରୋବର ଯୋଜନା ଏବଂ ଅନ୍ୟାନ୍ୟ ଅନୁଦାନ ପାଣ୍ଠିରେ ହୋଇଥିବା ବ୍ୟାପକ ଅନିୟମିତତାର ତଦନ୍ତ କରିବାକୁ ଦାବି ହୋଇଛି। ଏନେଇ ମଙ୍ଗଳବାର କୁନ୍ଦୁରା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱର ପରଜା ଜୟପୁର ଦୁର୍ନୀତି ନିବାରଣ ବିଭାଗର ଆରକ୍ଷୀ ଅଧୀକ୍ଷକଙ୍କ ଭେଟି ଦାବିପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ ରହିଛି, ୨୦୨୨-୨୩ ଆର୍ଥିକ ବର୍ଷରେ କୁନ୍ଦୁରା ବ୍ଲକ ଫୁଫୁଗାଁ ପଞ୍ଚାୟତର ଜବାପାତ୍ରପୁଟ ଗ୍ରାମରେ ଅମୃତ ସରୋବର ଯୋଜନାରେ ହୋଇଥିବା ମଣିବନ୍ଧ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି। ଏହି ମଣିବନ୍ଧର ଉନ୍ନତି ସକାଶେ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଅଳ୍ପ କିଛି କାର୍ଯ୍ୟ କରି ୮ ଲକ୍ଷ ଟଙ୍କାର ଖର୍ଚ୍ଚ ହୋଇଥିବା ଦର୍ଶାଇ ବିଲ୍ ପୈଠ କରାଯାଇଛି। ଏଥିରେ କମ୍ ସଂଖ୍ୟାରେ ଶ୍ରମିକଙ୍କୁ ନିୟୋଜିତ କରି ନାମକୁ ମାତ୍ର କାର୍ଯ୍ୟ କରି ଅର୍ଥ ହଡ଼ପ ହୋଇଛି। କାର୍ଯ୍ୟରେ ନିୟୋଜିତ ହୋଇ ନ ଥିବା ଅନେକ ଲୋକଙ୍କ ନାମ ଦର୍ଶାଇ ସେମାନଙ୍କ ନାମରେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ ଏବଂ ଏପିଓ ଉକ୍ତ ଅର୍ଥ ଆତ୍ମସାତ କରିଛନ୍ତି। ଏଥିରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ସରପଞ୍ଚ ମଧ ସମ୍ପୃକ୍ତ ଥିବା ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।

# ମାନ୍ୟମକୋଣ୍ଡା ପୀଠରେ ବଡଯାତ୍ରା

କାଲିମେଳା, ୨୮।୨(ଡି.ଏନ.ଏ.)

**ଆଜି କାଲିମେଳାରେ ପହଞ୍ଚିବେ ତିନିଠାକୁର**

ମାଲକାନଗିରି ଜିଲାର ପ୍ରସିଦ୍ଧ ବଡଯାତ୍ରା ଇତି ମଧ୍ୟରେ ଆରମ୍ଭ ହୋଇସାରିଛି। ମଙ୍ଗଳବାର କାଲିମେଳା ବ୍ଲକ ମାନ୍ୟମକୋଣ୍ଡା ପୀଠରେ ଦେବୀ ମା' ମୁତ୍ୟାଲୁଆମ୍ମାଙ୍କ ସହିତ ଶ୍ରୀ କାନାମରାଜ, ବାଲରାଜ ଓ ପୋତରାଜଙ୍କ ପାଖରେ ପ୍ରଥମ ପୂଜାର୍ଚ୍ଚନା ହୋଇଛି। ଏଥିସହ ଠାକୁରଙ୍କ ପାଖରେ ପ୍ରଥମ ଅନ୍ନଭୋଗ ଲାଗିଛି। ସୋମବାର ୩ ଠାକୁର ଓଡ଼ିଶା-ଆନ୍ଧ୍ର ସୀମାନ୍ତ ପୋଲୁର ତାଡାକରେଭ କୁଣ୍ଡରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ଜଳକ୍ରୀଡା କରିସ୍ନାନ କରିଥିଲେ। ପରେ ସନ୍ଧ୍ୟାରେ ମାନ୍ୟମକୋଣ୍ଡା ପୂଜା ପୀଠକୁ ଆସି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଠାକୁରମାନଙ୍କୁ ଧୂପ ଦୀପ ନୈବେଦ୍ୟ ଦେଇ ପୂଜା କରାଯାଇଥିଲା। ଏହି ଯାତ୍ରା ସମୟରେ ବଡ ବିଶେଷତ୍ୱ ହେଲା ପୂଜା ଆରମ୍ଭ ଠାରୁ ପୂଜା ଶେଷ ପର୍ଯ୍ୟନ୍ତ ଠାକୁରଙ୍କ ସିଂହାସନ ଉପର ଭାଗରେ ବହୁ ପାରା ବସିଥିବା ଦେଖିବାକୁ ମିଳନ୍ତି। ଯାହାକି ଦେବୀ ଦେବତାଙ୍କ ଆର୍ବିଭାବ ବୋଲି ଭକ୍ତମାନଙ୍କ ମନରେ ଦୃଢ ବିଶ୍ୱାସ ରହିଛି। ଦେବାଦେବୀଙ୍କ ପୀଠରେ ମଙ୍ଗଳବାର ସକାଳୁ ସୂର୍ଯ୍ୟ ପୂଜା, ଚଣ୍ଡୀପାଠ, ହୋମଯଜ୍ଞ ହୋଇଥିଲା। ଏଥିସହ ଠାକୁରଙ୍କ ପ୍ରତୀକ ବାଉଁଶ ଲାଠି ଓ ମୟୂର ଗୁଛକୁ ମଧ ଯଥାରୀତିରେ ପୂଜା ହୋଇଥିଲା। ବିଭିନ୍ନ ଆଦିବାସୀ ଗ୍ରାମରୁ ଅନେକ ଗ୍ରାମ ମୁଖିଆମାନେ ମାନ୍ୟମକୋଣ୍ଡା ପୀଠରେ ଏକାଠି ହୋଇଥିଲେ। ସେମାନେ ସ୍ୱତନ୍ତ୍ର ପୋଷାକ ପିନ୍ଧି ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଆଦିବାସୀ ପାରମ୍ପରିକ ନୃତ୍ୟ ସହ ଶଂଘ ନୃତ୍ୟ ଦେଖିବାକୁ ମିଳିଥିଲା। ପ୍ରତି ୨ ବର୍ଷରେ ହେଉଥିବା ଏହି ଯାତ୍ରାରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଛତିଶଗଡ, ତେଲେଙ୍ଗାଣା ରାଜ୍ୟର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ଜିଲା ପ୍ରଶାସନ ଓ କାଲିମେଳା ବ୍ଲକ ପ୍ରସାଶନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ବହୁ ଦୋକାନବଜାର ସହ ମୀନା ବଜାର ବସିଛି। ବୁଧବାର ସକାଳ ସାଢେ ୧୦ଟାରେ ୩ ଠାକୁର ମାନ୍ୟମକୋଣ୍ଡା ଛାଡି କାଲିମେଳା ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ତେବେ କାଲିମେଳା ପୂର୍ବରୁ ବୁଦୁଗୁଡାଠାରେ ଥିବା ଅସ୍ଥାୟୀ ମଣ୍ଡପରେ ଠାକୁର ପୂଜା ପାଇବେ। ବୁଧବାର ରାତିରେ କାଲିମେଳାଠାରେ ଥିବା ମଣ୍ଡପରେ ରାତ୍ରିଯାପନ କରିବେ।

### ଟ୍ରାଫିକ ନିୟମ ଉଲ୍ଲଂଘନ କଲେ କଡା କାର୍ଯ୍ୟାନୁଷ୍ଠାନ: ଏସ୍‌ପି

କୋରାପୁଟ, ୨୮।୨(ସ୍ୱ.ପ୍ର.)

ଟ୍ରାଫିକ ନିୟମ ଉଲ୍ଲଘଂନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କୋରାପୁଟ ପୋଲିସ ଏଣିକି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ମାର୍ଚ୍ଚ ୧ ବୁଧବାରଠାରୁ ଜିଲାର ସମସ୍ତ ଥାନା ଅଞ୍ଚଳରେ ଶୂନ୍ୟ ସହନଶୀଳତା ଦିବସ ଆରମ୍ଭ ହେବ ବୋଲି ଏସ୍‌ପି ଅଭିନବ



ସୋନକାର କହିଛନ୍ତି। ଡ୍ରାଇଭିଂ ଲାଇସେନ୍ସ, ବିନା ହେଲମେଟ୍, ବିନା ସିଟ ବେଲ୍ଟରେ ଗାଡି ଚଳାଇବା, ମଦ ପିଇ ଗାଡି ଚଳାଇବା, ଗାଡି ଚଳାଇବାବେଳେ ମୋବାଇଲ ବ୍ୟବହାର କରିବା, ଦ୍ରୁତ ଗତିରେ ଗାଡି ଚାଳନା, ବାଇକ୍‌ରେ ୩ ଜଣ ଯାଉଥିଲେ ଏବଂ ଓଭର ଲୋଡିଂ ଆଦିର ଯାଞ୍ଚ କରାଯାଇ ପୋଲିସ ପକ୍ଷରୁ ଅମାନିଆଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ମାସର ପ୍ରତି ବୁଧବାର ଶୂନ୍ୟ ସହନଶୀଳତା ଦିବସ ପାଳନ ହେବ।

# ନିରାକରଣ ନେଇ ସଚେତନତା ବୈଠକ




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଜୟପୁର, ୨୮।୨ (ନି.ପ୍ର.)

**ବନାଗ୍ନି ଚିନ୍ତା**

ଜୟପୁର ବନାଞ୍ଚଳ ପକ୍ଷରୁ ବନାଗ୍ନି ନିରାକରଣ ଏବଂ ଏହାର ପରିଚାଳନା ନେଇ ଏକ ସଚେତନତା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜୟପୁରର ନାକଟିଗୁଡ଼ାସ୍ଥିତ କେନ୍ଦ୍ରୀୟ ଚାରା ଉତ୍ପାଦନ କେନ୍ଦ୍ରରେ ହୋଇଥିବା କାର୍ଯ୍ୟକ୍ରମରେ ଜୟପୁର ବନାଞ୍ଚଳ ଅଧିକାରୀ ରଞ୍ଜିତା ନାୟକ ସଭାପତିତ୍ୱ କରିଥିଲେ। ଉପ ଜିଲାପାଳ ବେଦବର ପ୍ରଧାନ, ବନଖଣ୍ଡ ଅଧିକାରୀ ଜେ.ପି. ସିଂ, ଏସ୍‌ଡିପିଓ ହରିଶ ବିଶି, ତହସିଲଦାର ସାଗରିକା ଷଡ଼ଙ୍ଗୀ ଅଗ୍ନିଶମ ବାହିନୀର ଉମେଶ ଚନ୍ଦ୍ର ବାଘ, ବନ୍ୟଜନ୍ତୁ ତତ୍ତ୍ୱାବଧାରକ ରାମନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲ ସମ୍ପଦକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଏହି ଅବସରରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଜୟପୁର ବନାଞ୍ଚଳର ୫୨ ବନ ସୁରକ୍ଷା ସମିତିର ସଭାପତି ଓ ସଦସ୍ୟ, ଏସ୍‌ଏଚ୍‌ଜି ମହିଳା, ସରପଞ୍ଚ, ସମିତିସଭ୍ୟଙ୍କ ସହ ଫରେଷ୍ଟର ଅରୁଣ ଜେନା, ସୁଶୀଳ ମହାନ୍ତି, ବନରକ୍ଷୀ ଗୌତମ ସ୍ୱାଇଁ, ଗାର୍ଡ ଅନିଲ ଦାସ ପ୍ରମଖ ସହଯୋଗ କରିଥିଲେ।

# ଜାତୀୟ ବିଜ୍ଞାନ ଦିବସ ପାଳିତ

ମାଲକାନଗିରି, ୨୮।୨(ଡି.ଏନ୍.ଏ.)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସ୍ଥାନୀୟ ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ରେଡ ରିବନ କ୍ଲବ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ତମାଖୁ ସେବନର ଭୟାବହତା ସମ୍ପର୍କରେ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ବିଭାଗର ସଂକ୍ରାମକ ରୋଗ ବିଶେଷଜ୍ଞ ତଥା ଜାତୀୟ ତମାଖୁ ସଚେତନତା କାର୍ଯ୍ୟକ୍ରମ ଅଧିକାରୀ ଡ. ଦୁର୍ଗା ପ୍ରସାଦ ରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସହ ଶିବ ସୁନ୍ଦର ପାଣିଗ୍ରାହୀ ଅନ୍ୟତମ ଅତିଥି ରୂପେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ.କ୍ଷୀରୋଦ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ଓ ରେଡ ରିବନ୍ କ୍ଲବ ଅଧିକାରୀ ସଙ୍ଗୀତା କୁମାରୀ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେଙ୍। ଛାତ୍ରୀଛାତ୍ରଙ୍କୁ ତମାଖୁ ସେବନର ଅପକାରିତା ସମ୍ପର୍କରେ ଅବଗତ କରାଇ ଏଥିରୁ ଦୂରେଇ ରହିବା ଲାଗି ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟାପକ ରତ୍ନାକର ମିଶ୍ର, ଡ.ନେଶ ଶବର, ଭାସ୍କର ସାହୁ, ଶୁଭଶ୍ରୀ ସସ୍ମିତା ରଣସିଂହ, ରାଜେଶ ଜେନା, ଦୀପକ ପାତ୍ର ଓ ପୂର୍ବତନ ଯୁବ ରେଡକ୍ରସ ଅଧିକାରୀ ଡି.ଆଶିଷ କୁମାର ରାଠୋର ଉପସ୍ଥିତ ଥିଲେ। ଦଶରଥ ପୂଜାରୀ ସହଯୋଗ କରିଥିଲେ।

### ୪୦ ୟୁନିଟ୍ ରକ୍ତ ସଂଗ୍ରହ

ଦାମନଯୋଡି,୨୮।୨(ଡି.ଏନ୍.ଏ.)

ମଙ୍ଗଳବାର ଜାତୀୟ ବିଜ୍ଞାନ ଦିବସ ତଥା ଚାଲିଥିବା କନିଷ୍ଠ ରେଡକ୍ରସ ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିବସରେ ମାଲୁସାନ୍ତା ଉଚ୍ଚ ବିଦ୍ୟାଳୟରେ କୋରାପୁଟଶାଖା କନିଷ୍ଠ ରେଡକ୍ରସ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରଶ୍ମୀ ରଞ୍ଜନ ସେଠୀ ପ୍ରଥମେ ନିଜେ ରକ୍ତଦାନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ରାମଚନ୍ଦ୍ର ନାହକ ଓ ଅର୍ପିତା ପ୍ରଧାନ, ଏଡିଇଓ ରଶ୍ମୀ ରଞ୍ଜନ ସେଠୀ ଓ ଜିଲା ଯୁବ ରେଡକ୍ରସ ସଂଯୋଜକ ସଭାପତି ଡ. ନରେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏହି ଶିବିର ହୋଇଥିଲା। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ରକ୍ତ ଭଣ୍ଡାରର କର୍ମଚାରୀ ଭି.ଗଙ୍ଗାଧର, ବିଷୋୟୀ ଓ ରବିନ୍ଦ୍ର ମିଶ୍ର ରକ୍ତ ସଂଗ୍ରହ କରିଥିଲେ। ମୋଟ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# ବିଶ୍ୱଶାନ୍ତି ନେଇ ଅଖଣ୍ଡ ବ୍ରହ୍ମଯଜ୍ଞ

ନନ୍ଦପୁର, ୨୮।୨

**ଲାମଡ଼ା, ଖୁଡୁବରେ ମହିମା ମଣ୍ଡପ ପ୍ରସ୍ତୁତ**




ମହିମା ଧର୍ମାବଲମ୍ବୀ କୌପୀନଧାରୀ ସାଧୁସନ୍ଥଙ୍କ ଗହଣରେ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ପାଇଁ ନନ୍ଦପୁର ବ୍ଲକରେ ପ୍ରସ୍ତୁତି ଆରମ୍ଭ ହୋଇଛି। ବ୍ଲକର ବନମାଳିପୁଟ ପଞ୍ଚାୟତର ଲାମଡ଼ା ଓ ପାଡୁଆ ଥାନା ଅନ୍ତର୍ଗତ ଖୁଡୁବ ଗ୍ରାମରେ ମହିମା ମଣ୍ଡପରେ ଯଥାକ୍ରମେ ମାର୍ଚ୍ଚ ୨ ଓ ୪ ତାରିଖରେ ଅନୁଷ୍ଠିତ ହେବ। ଏଥିରେ କୋରାପୁଟ ମାଲକାନଗିରି, ନବରଙ୍ଗପୁର ଜିଲା ସମେତ ଢେଙ୍କାନାଳ ଯୋରନ୍ଦା ପୀଠର ମହିମା ଧର୍ମାବଲମ୍ବୀ କୌପୀନଧାରୀ ସାଧୁସନ୍ଥ ଯୋଗଦେବେ। ଉଭୟ ମହିମା ମଣ୍ଡପରେ ହୋମଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଶ୍ରଦ୍ଧାଳୁଙ୍କ ସମାଗମ ଅଧିକ ସଂଖ୍ୟାରେ ହେବ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ପଦକ୍ଷେପ ନିଆଯାଇଥିବା ବାବା ବୀଣାକର କହିଛନ୍ତି। ଘାସିରାମ ବଡ଼ନାୟକ, ଧନ ପୂଜାରୀଙ୍କ ସହ ଅନ୍ୟମାନେ ଦାୟିତ୍ୱରେ ରହିଛନ୍ତି।

# ଅତ୍ୟଧିକ, ମଧ୍ୟମ ଧରଣର ପୁଷ୍ଟିହୀନତା କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୨୮।୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳ ବଡ଼ପଡ଼ା ପଞ୍ଚାୟତର ବଡ଼ପଡ଼ା ଗ୍ରାମରେ ଚିତ୍ରକୋଣ୍ଡା ସମନ୍ୱିତ ଶିଶୁ ବିକାଶ ସେବା ସମୂହ ଓ ଆତ୍ମଶକ୍ତି ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଶିଶୁମାନଙ୍କ ଅତିଶୟ ପୁଷ୍ଟିହୀନତା ଓ ମଧ୍ୟମ ଧରଣର ପୁଷ୍ଟିହୀନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡପଡା ଅଙ୍ଗନୱାଡି କେନ୍ଦ୍ରଠାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଏ.ଅନ୍ନପୂର୍ଣ୍ଣା ଅଧ୍ୟକ୍ଷତା କରିଥିଲେ। ବଡ଼ପଡ଼ା, ମୁତାମ୍ବ ଓ ସିନ୍ଧିପୁଟ ଗ୍ରାମର ପ୍ରାୟ ଶତାଧିକ ମହିଳା ଏବଂ ସେମାନଙ୍କ ଶିଶୁ ଯୋଗଦେଇଥିଲେ। ଅଙ୍ଗନୱାଡି କର୍ମୀ ଓ ସୁପରଭାଇଜର ଉପସ୍ଥିତ ଶତାଧିକ ଶିଶୁଙ୍କ ଓଜନ ସହ ଉଚ୍ଚତା ମାପିଥିଲେ। ଗୌରୀ ଟାଙ୍ଗୁଲ, ତାପସୀ ସାହା, ସାବିତ୍ରୀ ଖିଲ, ବତୀ ହନ୍ତାଳ, ଦିବ୍ୟତାରା ଖରା, ମନବତୀ ହନ୍ତାଳ, ଅଙ୍ଗନୱାଡି ସୁପରଭାଇଜର ରଞ୍ଜିତା ପୂଜାରୀ, ଭାନୁମତୀ ଭତ୍ରା, ଚମ୍ପା ନାୟକ ଉପସ୍ଥିତ ଥିଲେ। ମଦନ ହନ୍ତାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପୁଷ୍ଟିହୀନତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଶିଶୁ ଓ ଅଭିଭାବକ।

# ମିଶନ ଶକ୍ତି ସହାୟକ କର୍ମଚାରୀଙ୍କ ଦାବିନେଇ ଏଏପିର ଶୋଭାଯାତ୍ରା

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର**

ମାଲକାନଗିରି/କୋରାପୁଟ, ୨୮।୨ (ଡି.ଏନ୍.ଏ./ସ୍ୱ.ପ୍ର.)






ମାଲକାନଗିରିରେ ଶୋଭାଯାତ୍ରାରେ ବାହାରିଥିବା ଏଏପି କର୍ମକର୍ତ୍ତା, କର୍ମୀ। କୋରାପୁଟରେ କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ମାଲକାନଗିରି ଜିଲା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ମଙ୍ଗଳବାର ମାଲକାନଗିରି ଏସ୍‌ପିଙ୍କ କାର୍ଯ୍ୟାଳୟଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ବିଶାଲ ସିଂହଙ୍କୁ କର୍ମକର୍ତ୍ତାମାନେ ଏକ ଦାବିପତ୍ର ଦେଇଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି, ମିଶନ ଶକ୍ତିରେ ସହାୟକ କର୍ମଚାରୀ ଭାବରେ କାମ କରୁଥିବା ଏମ୍‌ବିକେ, ସିଆରପି, ପ୍ରାଣୀମିତ୍ର, କୃଷିମିତ୍ର ଏବଂ ବ୍ୟାଙ୍କ ମିତ୍ରମାନେ ଦୀର୍ଘ ଦଶବର୍ଷ ଧରି କାମ କରୁଛନ୍ତି। ସେମାନଙ୍କୁ ସ୍ଥାୟୀ କରିବା ଓ ତାଙ୍କର ଦରମା ବୃଦ୍ଧି ନ ହେବା କ୍ଷୋଭର ବିଷୟ। ପ୍ରତ୍ୟେକ ପଞ୍ଚାୟତରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ କର୍ମଚାରୀଙ୍କୁ ଅଧିକରୁ ଅଧିକ ଦାୟିତ୍ୱ ପ୍ରଦାନ କରାଯାଉଥିବା ବେଳେ ସେମାନଙ୍କ ଚାକିରିରୁ ସ୍ଥାୟୀ ନ କରିବା ଏବଂ ଦରମା ବୃଦ୍ଧି କରା ନ ଯିବା ସରକାରଙ୍କ କର୍ମଚାରୀ ବିରୋଧୀ ମନୋଭାବକୁ ସ୍ପଷ୍ଟ କରୁଛି। ମିଶନ ଶକ୍ତିର ଏହି କମ୍ୟୁନିଟି ସପୋର୍ଟ କର୍ମଚାରୀଙ୍କୁ ନେଇ ବିଜେଡି ପକ୍ଷରୁ ଗଠିତ ଅଲ ଓଡ଼ିଶା ଜିପିଏଲ୍‌ଏଫ୍ ମିଶନଶକ୍ତି କର୍ମ ସାମ୍ମୁଖ୍ୟ ମଧ ଏହି ଦାବି ପୂରଣ ନେଇ ଗତ ଫେବୃୟାରୀ ୨୦ରେ ରାଜରାସ୍ତାକୁ ଓହ୍ଲାଇଥିଲା। ଏମାନଙ୍କୁ ସ୍ଥାୟୀ କରି ସେମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି କାର୍ଯ୍ୟକ୍ରମରେ ଏଏପିର ଜିଲା ସଭାପତି କେ. ଦେଶୀରାଜୁ ଆଚାରୀ, ଉପଦେଷ୍ଟା ରବୀନ୍ଦ୍ରନାଥ ପାଢ଼ୀ, ମାଥିଲି ବ୍ଲକ ସଭାପତି ସନୁ ବିଶ୍ୱାସ, ମାଲକାନଗିରି ବ୍ଲକ ସଭାପତି ରାମମୂର୍ତ୍ତି କିର୍ଷାନି, କାଲିମେଳା ବ୍ଲକ ସଭାପତି କାର୍ତ୍ତିକ ମଣ୍ଡଳ, ପ୍ରହ୍ଲାଦ ଚାଲାଣ, ବିଜୁଳି ସରକାର, ଦେବବ୍ରତ ମଣ୍ଡଳଙ୍କ ସହ ଶତାଧିକ କର୍ମୀ ସାମିଲ ହୋଇଥିଲେ।

ସେହିପରି କୋରାପୁଟ ଜିଲା ଏଏପି ପକ୍ଷରୁ ମଧ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅବଦାଲ ଏମ ଅଖତାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଏପିର ଜିଲା ଆବାହକ ରବି ନାରାୟଣ ପାତ୍ରଙ୍କ ନେତୃତ୍ୱରେ ପ୍ରଫୁଲ୍ଲ ଖୋସଲ୍ଲା, ଅନୀଲ ପାତ୍ର, ଜ୍ଞାନେନ୍ଦ୍ର ନାୟକ, ରାମ ବେନିଆ, ରଞ୍ଜିତ ଜାନି, ସଞ୍ଜୟ ନାଗଙ୍କ ସମେତ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଅଟୋ-ବାଇକ୍ ଧକ୍କା, ୨ ଗୁରୁତର

ଝରିଗାଁ,୨୮।୨(ସ୍ୱ.ପ୍ର.)-ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବେଲଗାଁ ପଞ୍ଚାୟତ ଖେଳ ପଡିଆ ନିକଟରେ ବାଇକ- ଅଟୋ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଆରୋହୀ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସଣ୍ଡସା ଗ୍ରାମର ଉଦ୍ଧବ ଚଲାଣ ଏବଂ କୁର୍ସି ଗ୍ରାମର ରାମ ଲୋହରା। ଉଭୟେ ଏକ ଦଶାହ କାର୍ଯ୍ୟରେ ଯୋଗ ଦେବା ପାଇଁ ଉମରକୋଟ ବ୍ଲକର କୁର୍ସି ଗ୍ରାମକୁ ଯାଇ ଗୋଟିଏ ବାଇକ୍‌ରେ ଫେରୁଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ବେଲଗାଁ ପଞ୍ଚାୟତ ଖେଳ ପଡିଆ ନିକଟରେ ସେମାନଙ୍କ ବାଇକ୍ ସହ ଅଟୋ (ଓଆର ୧୦ଜେ ୫୬୨୬) ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଦ୍ଧବ ଏବଂ ରାମ ଛିଟିକି ତଳେ ପଡିଯାଇଥିଲେ। ବେଲଗାଁ ସରପଞ୍ଚ ଥବୀର ପୂଜାରୀ ଏବଂ ଆନିଶ ମହମ୍ମଦ ଏହି ଦୁର୍ଘଟଣା ଦେଖି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଏକ ଅଟୋରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଡାକ୍ତର ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି।

### କାଞ୍ଜିପୁଟିରେ ମା’ ଏଲମ୍ମାଙ୍କ ଝାମିଯାତ୍ରା

ଗୁଣପୁର,୨୮।୨(ଡି.ଏନ.ଏ)-ଗୁଣପୁର ଠାରେ ମା’ ଏଲମ୍ମାଙ୍କ ଝାମି ଯାତ୍ରା ମଙ୍ଗଳବାର ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଦିନିକିଆ ଯାତ୍ରା ଅବସରରେ ଗୁଣପୁର ସହର ୪ ନଂ. ୱାର୍ଡବଂଶଧାରା ନଦୀ ତିରେ ଥିବା କତାଲୁଗୁଡା ନିକଟ କାଞ୍ଜିପୁଟିସ୍ଥିତ ସନ୍ଧି ଦେବତା ପୀଠରେ ପୂଜା ପାଇଥିଲେ ମା’ ଏଲମ୍ମା। ଏକ ଗଛ ମୂଳେ ଅସ୍ଥାୟୀ ଭାବେ ମାଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ପୁଣି ତାଙ୍କ ସ୍ଥାନକୁ ଫେରାଇ ନିଆଯାଇଥିଲା। ଏହି ପୂଜା ଦ୍ୱାରା ଚର୍ମଜନିତ ରୋଗର ନିଦାନ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ସୋମବାର ରାତ୍ରିରେ ଦେବୀଙ୍କୁ ଆସ୍ଥାନରୁ ତଳକୁ ଅଣାଯାଇଥିଲା। ସେହି ରାତିରେ ମାଙ୍କ ସମସ୍ତ ପୂଜାନୀତି ପୂଜକଙ୍କ ଘରେ ସମାପନ ହୋଇଥିଲା। ମଙ୍ଗଳବାର ମା’ ଏଲମାଙ୍କୁ କାଞ୍ଜିପୁଟି ଆସ୍ଥାନକୁ ଆଣାଯାଇ ସେଠାରେ ଦିନତମାମ ପୂଜା ନୀତି ହୋଇଥିଲା। ଯାତ୍ରା ସରିବା ପରେ ରାତିରେ ମା’ଙ୍କୁ ପୁଣି ସ୍ୱସ୍ଥାନକୁ ଫେରାଇ ନିଆଯାଇଥିଲା।

### ଜାତୀୟ ବିଜ୍ଞାନ ଦିବସ ପାଳିତ

ଗୁଣପୁର,୨୮।୨(ଡି.ଏନ.ଏ)-ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଦିବସ ପାଳନର ଉଦ୍ଦେଶ୍ୟ କହିଥିବାବେଳେ ଆଚାର୍ଯ୍ୟା ସନ୍ତୋଷୀ ବାହାଦୁର ସୁନାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୈଜ୍ଞାନିକ ଚନ୍ଦ୍ର ଶେଖର ଭେଙ୍କେଟ ରମଣଙ୍କ ବିଷୟରେ ଆଚାର୍ଯ୍ୟ ପରିତ୍ରାଣ ମହାପାତ୍ର ବକ୍ତବ୍ୟ ରଖିଥିଲେ। ଶିଶୁ ବାଟିକାଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧରେ ବିଜ୍ଞାନ ଆଧାରିତ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପିଲାମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ ଅଫିସ, ୨୮।୨-ଫୁଲବାଣୀ ସଦର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଖଜୁରିପଡ଼ା ଥାନା ଗଡ଼ପଦର ନିକଟରେ ଚଢ଼ାଉ କରାଯାଇ ଗୋଟିଏ କାରରୁ ୪୧କିଲୋ ଗଞ୍ଜେ ଜବତ କରାଯାଇଛି । ଏହି ଘଟଣାରେ ବାଲିଗୁଡା ଥାନା ବୁଡୁକିଆ ପଞ୍ଚାୟତ ବାଲିସୁଗା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଗିରଫ ହୋଇଛନ୍ତି। କାର ନଂ(ଓଆର ୦୫ଏଭି ୫୮୪୭)ରେ ଗଞ୍ଜେଇ ବାଲିଗୁଡାରୁ ଭୁବନେଶ୍ୱର ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା । ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ ଓଆଇସି ଭବାନୀ ଶଙ୍କର ସେଠୀ ଏକ ଟିମ୍ କରି ଏହି ଚଢ଼ାଉ କରିଥିଲେ ।

# ଠିକ୍ ସମୟରେ ପିଡିଏସ୍ ଚାଉଳ ଦେଉନି ଏସ୍‌ଏଚ୍‌ଜି

ରାୟଗଡ଼ା,୨୮।୨(ସ୍ୱ.ପ୍ର.)

ବିଭିନ୍ନ ପଞ୍ଚାୟତରେ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ହିତାଧିକାରୀଙ୍କୁ ପିଡିଏସ୍ ଚାଉଳ ବଣ୍ଟନ କରାଯାଉଛି। ତେବେ କାଶୀପୁର ବ୍ଲକ ଅଡ଼ାଜୋର ପଞ୍ଚାୟତର ୭ଟି ଗ୍ରାମରେ ହିତାଧିକାରୀମାନେ ଠିକ୍ ସମୟରେ ଚାଉଳ ପାଉ ନ ଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତରେ ପିଡିଏସ୍ ସାମଗ୍ରୀ ବଣ୍ଟନ ଦାୟିତ୍ୱ ନେଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ମନମାନି ଚଳାଉଥିବା ସରପଞ୍ଚ ସୁରେନ୍ଦ୍ର ମାଝି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେଣୁ ଉକ୍ତ ଚାଉଳ ବଣ୍ଟନ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ଦ୍ୱାରା କରାଯାଉ ବୋଲି ସେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଅଡ଼ାଜୋର ପଞ୍ଚାୟତର ସୋରିଷବାଡ଼, ବାରାଙ୍ଗପାସ, କସନାଖାଲ, କରନିଖାଲ, କୁଲେରମସ୍କା ଓ ଡାଲଗୁମା



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀ ।

ଗ୍ରାମର ହିତାଧିକାରୀମାନେ ଦାୟିତ୍ୱ ନେଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଚାଉଳ ମାଗିଲେ ମେଶିନ୍ ଖରାପ ଅଛି କହି ଫେରାଇ ଦିଆଯାଉଥିବା ଅଭିଯୋଗ ହେଉଛି । ସୋରିଷବାଡ଼ର ହିତାଧିକାରୀ ପାଦମତୀ ନାଏକ ଚାଉଳ ଆଣିବା ପାଇଁ ଯାଇଥିବା ବେଳେ ଏସ୍‌ଏଚଜିର ଜଣେ ସଦସ୍ୟାଙ୍କ ସ୍ୱାମୀ ତାଙ୍କୁ କାଲି ଆସ, ପରେ

**ପିଇଓଙ୍କ ଦ୍ୱାରା ବଣ୍ଟନ କରିବାକୁ ସରପଞ୍ଚଙ୍କ ଦାବି**

ଆସ କହି ବାରମ୍ବାର ଫେରାଉଥିଲେ। ପରେ ଅନ୍ୟମାନଙ୍କୁ ଯେତବେଳେ ଚାଉଳ ବଣ୍ଟାଗଲା, ପାଦମତୀ ଆଣିବାକୁ ଯିବାରୁ ତାଙ୍କୁ ସ୍ୱୟଂ ସହାୟିକା ଗୋଷ୍ଠୀ ସଭାପତିଙ୍କ ସ୍ୱାମୀ ଓ ଅନ୍ୟ କେତେଜଣ ସଦସ୍ୟ ଗାଳିଗୁଲଜ କରିଥିଲେ । ଏ ନେଇ ହିତାଧିକାରୀମାନେ ସରପଞ୍ଚଙ୍କୁ ଅଭିଯୋଗ କରିବା ପରେ ସେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପିଡିଏସ ଚାଉଳ ବଣ୍ଟନ ବ୍ୟବସ୍ଥା ପିଇଓଙ୍କୁ ଦେବାକୁ ଦାବି କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ସରପଞ୍ଚଙ୍କ ଦାବିପତ୍ର ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଗ୍ରହଣ କରିବା ସହିତ ଏହାର ସମାଧାନ କରାଯିବ ବୋଲି କହିଛନ୍ତି ।

# ଜାତୀୟ ବିଜ୍ଞାନ ଦିବସ ପାଳିତ




ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଦିବସ ସମ୍ପର୍କରେ ସୂଚନା ଦେଉଛନ୍ତି।

ଜୟପୁର, ୨୮।୨(ନି.ପ୍ର.)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଆୟୋଜିତ ହୋଇଛି। ଏଥିରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ବୈଜ୍ଞାନିକ ସି.ଭି. ରମଣଙ୍କ ବିଷୟରେ ବିସ୍ତୃତ ଭାବେ ବୁଝାଇବା ସହ ତାଙ୍କର ଉପଲବ୍ଧି ଓ ଜାତୀୟ ବିଜ୍ଞାନ ଦିବସ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ମଧ ସି. ଭି. ରମଣଙ୍କ କୃତି ବିଷୟରେ ବିସ୍ତୃତ ଧାରଣା ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ କୁଇଜ୍ ପ୍ରତିଯୋଗିତା ହେଇଥିଲା । ଏହାକୁ ଶିକ୍ଷକ ସମନାଥ ସାକିଆ ଓ ବିଶ୍ୱରଞ୍ଜନ ଗୌଡ଼ ପରିଚାଳନା କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼, ପ୍ରଭାତୀ ପାଣିଗ୍ରାହୀ, ଦୁର୍ଗା ପ୍ରସାଦ ପତ୍ର, କେ. ପ୍ରମିଳା, ରଶ୍ମିତା ନାହାକ, ସୁବର୍ଣ୍ଣ ଖିଲ, ବନିତା ଶତପଥୀ, ପପିତା ପ୍ରଧାନ, ଦେବେନ୍ଦ୍ର ପି ଓ ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁରକ୍ଷିତ ନୁହେଁ ଶିଶୁ ଉଦ୍ୟାନ

ସୁନାବେଡ଼ା, ୨୮।୨ (ସ୍ୱ.ପ୍ର.)

ବହୁଦିନ ଧରି ହାଲ୍ ଟାଉନଶିପର ବିଭିନ୍ନ ନିଛାଟିଆ ଅଞ୍ଚଳ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି। ଏନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ପୋଲିସ ପାଟ୍ରୋଲିଂ ଦାବି ହୋଇଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ଉଭୟ ପୋଲିସ ଓ ହାଲ୍ ସୁରକ୍ଷା ବାହିନୀ ଉପରେ ପଡ଼ିନାହିଁ। ଟାଉନଶିପ ଅଞ୍ଚଳର ଜଗନ୍ନାଥ ମାର୍କେଟକୁ ସଂଯୋଗ କରୁଥିବା ଫିଲ୍ମ ହଲ୍ ପଛ ରାସ୍ତା ନିର୍ଜନ ରାସ୍ତା ରୂପେ ପରିଚିତ। ସନ୍ଧ୍ୟା ହେଲେ ଏହା ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଯାଏ। ସେହିପରି ସି ଜୋନ୍‌ସ୍ଥିତ ଶିଶୁ ଉଦ୍ୟାନ ଓ ରାସ୍ତା ମଧ ଏମାନଙ୍କ କବଳକୁ ଚାଲିଯାଏ। ଫଳରେ ଏହି ରାସ୍ତା ଦେଇ ରାତିରେ ଯାତାୟାତ କରିବା ବିପଜ୍ଜନକ ହୋଇପଡିଛି। ରାସ୍ତାର ଗୋଟିଏ ପାର୍ଶ୍ୱ ଏଡିଏଭି ହାଇସ୍କୁଲକୁ ସଂଯୋଗ କରୁଥିବା ବେଳେ ଅନ୍ୟ ପାର୍ଶ୍ୱଟି ଭିଏସ୍ ବିଦ୍ୟାଳୟକୁ ସଂଯୋଗ କରୁଛି। ଏହି ରାସ୍ତାରେ ଥିବା



ଶିଶୁ ଉଦ୍ୟାନରେ ପଡ଼ିଥିବା ମଦ ବୋତଲ।

**ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ, ପୋଲିସ**

ଶିଶୁ ଉଦ୍ୟାନ ଅପର ପାର୍ଶ୍ୱରେ ସଂଗୀତ କଳା ବିଦ୍ୟାଳୟ ସହ ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଉକ୍ତ ରାସ୍ତାର ମାତ୍ର ୫ଶହ ମିଟର ଦୂରରେ ଏକ ଫାଣ୍ଡି ରହିଛି। ହେଲେ ପୋଲିସ ନିର୍ବିକାର ରହିଥାଏ। ଫଳରେ ଏହି ରାସ୍ତା ଓ ଶିଶୁ ଉଦ୍ୟାନ ବିଭିନ୍ନ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଥାଏ। ବିଭିନ୍ନ ସ୍ଥାନରେ ଖାଲି ମଦ ବୋତଲ ପଡ଼ିଥିବା ଦେଖିବାକୁ ମିଳେ। ହାଲ୍ ପ୍ରଶାସନ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସ୍ଥାନୀୟ ଅଞ୍ଚଳର ଛୋଟ ପିଲାଙ୍କ ଆମୋଦ ପ୍ରମୋଦ ଲାଗି ଶିଶୁ ଉଦ୍ୟାନ କରି ଏହାର ରକ୍ଷଣାବେକ୍ଷଣ ପ୍ରତି ନଜର ନ ଦେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ଉଭୟ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ସୁନାବେଡା ଆଇଆଇସି ଉଲ୍ଲସ ଚନ୍ଦ୍ର ରାଉତଙ୍କୁ ପଚାରିବାରୁ ସେ କହିଲେ,ସମ୍ପୃକ୍ତ ରାସ୍ତା ଗୁଡିକରେ ଏଣିକି ପାଟ୍ରୋଲିଂ ଉପରେ ଗୁରୁତ୍ୱାରୋପ କରାଯିବ।

# ମାର୍ଚ୍ଚ ୨୫ରେ ଓକିଲ ସଂଘ ନିର୍ବାଚନ

କୋରାପୁଟ, ୨୮।୨ (ସ୍ୱ.ପ୍ର.)

ଆସନ୍ତା ମାର୍ଚ୍ଚ ୨୫ ତାରିଖରେ କୋରାପୁଟ ଓକିଲ ସଂଘର ନିର୍ବାଚନ ହେବ ବୋଲି ମଙ୍ଗଳବାର ଓକିଲ ସଂଘ ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ଆଚାର୍ଯ୍ୟ କହିଛନ୍ତି। ରାଜ୍ୟର ସମସ୍ତ ଓକିଲ ସଂଘ ନିର୍ବାଚନ ଗୋଟିଏ ଦିନରେ ଅନୁଷ୍ଠିତ ହେବ। ସେହିକ୍ରମରେ କୋରାପୁଟରେ ମଧ ନିର୍ବାଚନ କରାଯିବ। ଏଥିପାଇଁ ମାର୍ଚ୍ଚ ୪ରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ, ୧୦ରେ ନାମାଙ୍କନ ପତ୍ର ଯାଞ୍ଚ ହେବ। ମାର୍ଚ୍ଚ ୧୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର, ୧୩ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୫ ତାରିଖ ସକାଳ ୮ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୩ଟା ଯାଏ ଚାଲିବ। ଅପରାହ୍ନ ୪ଟାରୁ ଗଣତି କରାଯାଇ ଫଳାଫଳ ଘୋଷଣା ହେବ ବୋଲି ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ମଞ୍ଚାସୀନ ଅତିଥିମାନେ।

ଚନ୍ଦ୍ରପୁର,୨୮।୨(ଡି.ଏନ୍.ଏ)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ସଦର ମହକୁମାସ୍ଥିତ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ କଇନ କିମ୍ବାକା ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଚନ୍ଦ୍ରପୁର ଜିଲା ପରିଷଦ ସଭ୍ୟ ସୁଜିତ କୁମାର ବ୍ରେଡେକା, ଜିଲା ଶିକ୍ଷାଧୀଶ ଶ୍ୟାମଘନ ଭୂୟାଁ, ସରପଞ୍ଚ ଭୀମ ଗଗେରେଙ୍ଗା, କଲେଜ ଅଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନ, ଅଧାପକ ଶିବାନୀ ବିଷୋୟୀ, ରଞ୍ଜିତା ସାନମାଝି, ଜ୍ୟୋତିମୟୀ ଥାଟି, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ରାଜ୍ୟ,କେନ୍ଦ୍ର ସରକାରଙ୍କ ଉପରେ ଆଉ ବିଶ୍ୱାସ ନାହିଁ

କୋରାପୁଟ, ୨୮।୨(ସ୍ୱ.ପ୍ର.)

ଦୀର୍ଘ ଦିନ ହେଲା ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ବିଭିନ୍ନ ଦାବି ଅଲ ଓଡ଼ିଶା ଅଙ୍ଗନୱାଡି ସଂଘ ପକ୍ଷରୁ ଉପସ୍ଥାପନ କରାଯାଉଥିବା ସତ୍ତ୍ୱେ ଏଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଏବେ ଆଉ ଉଭୟ ସରକାରଙ୍କ ଉପରେ ବିଶ୍ୱାସ ନାହିଁ ବୋଲି ମଙ୍ଗଳବାର ସ୍ଥାନୀୟ

**ଅଲ ଓଡିଶା ଅଙ୍ଗନୱାଡି ସାମ୍ମୁଖ୍ୟର ଅଭିଯୋଗ**

ବିଜୁ ପାଠାଗାରଠାରେ ଆୟୋଜିତ ଏକ ବୈଠକରେ ସଂଘର ରାଜ୍ୟ ସାମ୍ମୁଖ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡା କହିଛନ୍ତି। ବୈଠକରେ କୋରାପୁଟ ଜିଲା ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତି ବାଲା ରାୟ, ଉପଦେଷ୍ଟା ପଙ୍କଜ ପାତ୍ର, ସଂଯୋଜକ ନିରଞ୍ଜନ ପାତ୍ର, ସାମ୍ମୁଖ୍ୟର ସାଙ୍ଗଠନିକ ସମ୍ପାଦକ ଝୁନି ମହାନ୍ତିଙ୍କ ସହ ଅବିଭକ୍ତ କୋରାପୁଟ ଜିଲାର ଅଙ୍ଗନୱାଡି ନେତ୍ରୀବୃନ୍ଦ ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ଉପରେ ଆଲୋଚନା କରିଥିଲେ । ଆଗାମୀ ଦିନରେ ସେମାନଙ୍କ ନାର୍ଯ୍ୟ ଦାବି ପୂରଣ ନ ହେଲେ ବାଧ ହୋଇ ସେମାନେ ପୁଣି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦେଇଛନ୍ତି।



ବୈଠକରେ ଉପସ୍ଥିତ ଅଙ୍ଗନୱାଡି କର୍ମୀ ଓ ସଂଘ କର୍ମକର୍ତ୍ତା ଆଲୋଚନା କରୁଛନ୍ତି ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କାଲିମେଲା, ୨୮।୨(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ କଇମେଟଲା ପଞ୍ଚାୟତ ଏମ୍‌ପିଭି –୩୩ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ଶିକ୍ଷକ ଅକ୍ଷୟ ପଣ୍ଡା ଅବସର ଗ୍ରହଣ କରୁଥିବାରୁ ତାଙ୍କୁ ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମବାସୀଙ୍କ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବାରୋଇ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଚିନ୍ତା ହରଣ ମଧୁ, ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ନାୟକ, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ନବ କିଶୋର ମଲ୍ଲିକ, ଜିଲା ଶିକ୍ଷକ ସଂଘ ଉପ ସଭାପତି ସମୀର ଗୋପ, ଅବସରପ୍ରାପ୍ତ ଶିକ୍ଷକ ଜୟନ୍ତ ସାମଲ, ଶିକ୍ଷକ କେ. ପୂର୍ଣ୍ଣଚନ୍ଦ୍ର ପାତ୍ର, ହରିଶ କର, ଦୋଳ ଗୋବିନ୍ଦ ବିଶ୍ୱାଳ, ରତ୍ନାକର ସାମଲ ଉପସ୍ଥିତ ଥିଲେ । ଶିକ୍ଷକ ପଣ୍ଡା ଗତ ୧।୨।୧୯୮୮ରେ କୋରୁକୋଣ୍ଡା ବ୍ଲକ ଏମ୍‌ଭି–୨୩ ବିଦ୍ୟାଳୟରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ କାଲିମେଲା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରିବା ସହ ଦୁଇଥର ସିଆରସିସି ପଦବୀରେ କାର୍ଯ୍ୟ କରିଛନ୍ତି। ପଣ୍ଡା ଜଣେ ନିଷ୍ଠାପର, ପରୋପକାରୀ, ଛାତ୍ରବତ୍ସଳ ଶିକ୍ଷକ ଥିଲେ।

# ବିଜେଡି ପକ୍ଷରୁ ରକ୍ତଦାନ ଶିବିର



ଜଣେ ବ୍ୟକ୍ତି ରକ୍ତ ଦେଉଛନ୍ତି ।

ରାୟଗଡ଼ା/କଲ୍ୟାଣସିଂହପୁର, ୨୮।୨(ସ୍ୱ.ପ୍ର./ଡି.ଏନ.ଏ.)

ରାୟଗଡ଼ା ବିଜୁ ଯୁବ ଜନତା ଦଳ ପକ୍ଷରୁ କଲ୍ୟାଣସିଂହପୁର ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲା ଯୁବ ସଭାପତି ଦେବାଶିଷ ଖାଡ଼ଙ୍ଗାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରକୁ ବ୍ଲକ ଯୁବ ସଭାପତି ରାଜୀବ ନାୟକ ପରିଚାଳନା କରିଥିଲେ । ଜିଲା ଯୁବ ସମ୍ପାଦକ ଜି. ନାଗରାଜୁ, ଚାନ୍ଦୁ ଆସିପୁ, ପ୍ରତାପ ବାଗ ଓ ଅନ୍ୟାନ୍ୟ ଯୁବ ସଙ୍ଗଠକ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ କଲ୍ୟାଣସିଂହପୁର ବ୍ଲକ ଅଧ୍ୟକ୍ଷା ଅମ୍ରିତା କାଡ୍ରାକା, ବ୍ଲକ ଉପାଧ୍ୟକ୍ଷ ଡମ୍ବୁରୁ କଞ୍ଚାକା,

**୬୦ ୟୁନିଟ ସଂଗୃହୀତ**

ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜିଲା ଉପାଧ୍ୟକ୍ଷ ବନମାଳୀ କାଡ୍ରାକା, କଲ୍ୟାଣସିଂହପୁର ‘କ’ ଜୋନ୍ ଜିଲା ପରିଷଦ ସଭ୍ୟ ୱାରା ପ୍ରସାଦ ରାଓ, ବ୍ଲକ ବିଜେଡି ସଭାପତି ସୁନ୍ଦର ରାଓ ବାଗ, ବରିଷ୍ଠ ନେତା ଏମ୍. ଧର୍ମେନ୍ଦ୍ର, ବୃନ୍ଦାବନ ପାଢ଼ୀ ଓ ଭୀମସେନ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ପଟ୍ଟନାୟକଙ୍କ ଜନ୍ମ ତିଥିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ଦ୍ୱୀପ ପ୍ରଜ୍ୱଳନ ପୂର୍ବକ ଶିବିର ଶୁଭାରମ୍ଭ କରାଯାଇଥିଲା । ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ମା’ କାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ରାଇଘର,୨୮।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମାସ୍ଥିତ କୋଦଭାଟା ଠାରେ ମା’ କାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଏହା ୫ ଦିନ ଧରି ଅର୍ଥାତ୍ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନ କଳସ ଯାତ୍ରା, ଗଙ୍ଗା ବରଣ କରାଯାଇଛି। ବୁଧବାର ମନ୍ଦିର ପ୍ରତିଷ୍ଠା ସହ ମା’ କାଳୀ ଓ ଶୀତଳା ଦେବୀଙ୍କ ବିଗ୍ରହ ସ୍ଥାପନ, ୨ ତାରିଖରେ ହୋମଯଜ୍ଞ ସହ ଅଷ୍ଟପ୍ରହରୀ ନାମଯଜ୍ଞ, ୩ରେ ପଦାବଳି କୀର୍ତ୍ତନ, ୪ ତାରିଖରେ ଧାର୍ମିକ ଯାତ୍ରା, ମହାତୀର୍ଥ କଳିଘାଟ, ପୂର୍ଣ୍ଣାହୁତି ଆଦି ସମ୍ପନ୍ନ ହେବ ବୋଲି ମନ୍ଦିର କମିଟି ସଭାପତି ଭାବେ ଅଞ୍ଜନ କାନ୍ତି ବାଲା ପ୍ରକାଶ କରିଛନ୍ତି । ସମ୍ପାଦକ ଭାବେ ତପନ କୁମାର ଗାଇନ, ସ୍ଥାୟୀ ମନ୍ଦିର କମିଟିର ସଭାପତି ଦୀପକ ବାରୋଇ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାସ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଦଶରଥ ସାହା, ଶ୍ୟାମଳ ମଲିକ, ଶିବନାଥ ବାନାର୍ଜୀ, ସପନ ସରକାର୍, ସୁକୁମାର ହାଲଦାର, ବିଶ୍ୱନାଥ ସିଲ, ନେପାଳ ଦେ, ଅଶୋକ ଶିକାରୀ ତଥା ସମସ୍ତ ଗ୍ରାମବାସୀଙ୍କ ଉଦ୍ୟମରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଚାଲିଛି ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ ।

# ସହର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ଦାବି

ରାୟଗଡ଼ା,୨୮।୨(ସ୍ୱ.ପ୍ର.)

ରାୟଗଡ଼ା ସହରରେ ଦିନକୁ ଦିନ ଚୋରି, ରାହାଜାନି ଆଦି ବଢ଼ୁଛି। ଫଳରେ ଦିନକୁ ଦିନ ସହର ଭିତରେ ଲୋକେ ଅସୁରକ୍ଷିତ ହୋଇପଡୁଛନ୍ତି। ବାରମ୍ବାର ଏସ୍‌ପିଙ୍କୁ ଏ ନେଇ ଜଣାଇବା ପରେ ମଧ କୌଣସି ପରିବର୍ତ୍ତନ ନ ହେବାରୁ ବଣିକ ସଂଘ ପକ୍ଷରୁ ମଙ୍ଗଳବାର ଜିଲାପାଳ ସ୍ୱଧାଦେବ ସିଂଙ୍କୁ ଲିଖିତଭାବେ ଜଣାଇଛନ୍ତି। ସହରର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସେମାନେ ଦାବି କରିଛନ୍ତି।

ରାୟଗଡ଼ା ସହର ଓ ଆଖପାଖ ଅଞ୍ଚଳରେ ଚୋରି, ଲୁଟ୍ ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ଲୋକେ ନିଜ ଘର ଓ ଦୋକାନକୁ ଛାଡ଼ି ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ପ୍ରତିଦିନ କେଉଁଠି ନା କେଉଁଠି ଯେକୌଣସି ଗୋଟିଏ



ଜିଲାପାଳ ସ୍ୱଧା ଦେବ ସିଂ ଦାବିପତ୍ର ଗ୍ରହଣ କରୁଛନ୍ତି।

ବ୍ୟବସାୟ ପ୍ରତିଷ୍ଠାନ ଅଥବା ବ୍ୟବସାୟୀଙ୍କ ଘରୁ ଚୋରି ହେଉଛି। ଏଥିରେ ସର୍ବାଧିକ ଟାର୍ଗେଟରେ ବ୍ୟବସାୟୀ ରହୁଛନ୍ତି। ରାୟଗଡ଼ା ପୋଲିସ କିନ୍ତୁ ଚୋରି ରୋକିପାରୁନାହିଁ। ପିସିଆର୍ ଭ୍ୟାନ୍ ଡ୍ୟୁଟି ବଦଳରେ ପୋଲିସ କର୍ମଚାରୀଙ୍କ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହୃତ ହେଉଛି। କନ୍‌ଷ୍ଟେବଲ, ହୋମଗାର୍ଡ଼ ସହରବାସୀଙ୍କ ସୁରକ୍ଷା ବଦଳରେ ଏସ୍‌ପିଙ୍କ ସୁରକ୍ଷାରେ ନିୟୋଜିତ ରହୁଛନ୍ତି । ୨୪ଘଣ୍ଟା ସେଠାରେ ଡ୍ୟୁଟି କରୁଛନ୍ତି ବୋଲି ବଣିକ ସଂଘ ଜିଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। କେବଳ ସେତିକି ନୁହେଁ , ବ୍ୟାଙ୍କରୁ ଟଙ୍କା ନେଇ ବାହାରିଲେ ଚୋର ତାହା ଲୋକଙ୍କଠାରୁ ଲୁଟ କରୁଛନ୍ତି। ପୋଲିସକୁ ବାରମ୍ବାର

**ଜିଲାପାଳଙ୍କୁ ଲିଖିତଭାବେ ଜଣାଇଲା ବଣିକ ସଂଘ**

ଅବଗତ କରାଯିବା ପରେ ମଧ କୌଣସି ପରିବର୍ତ୍ତନ ଘଟୁନାହିଁ। ତେଣୁ ପ୍ରଶାସନିକ କ୍ଷମତା ବ୍ୟବହାରକରି ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଖୁବ୍ ଶୀଘ୍ର ପୋଲିସ ସହ ଏ ସମ୍ପର୍କରେ ଆଲୋଚନା କରାଯିବ। ଏହାପରେ ବଣିକ ସଂଘ ଓ ପୋଲିସକୁ ନେଇ ଏକ ବୈଠକ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ବଣିକ ସଂଘ ସମ୍ପାଦକ ଏସ୍. ଜଗନ୍ନାଥ ରାଓଙ୍କ ନେତୃତ୍ୱରେ ସୁରେନ୍ଦ୍ର ସାହୁ, ନରୀନ କୁମନ୍ଦନ, ମାଣିକ ଚାନ୍ଦ, ଅଶୋକ ଜୈନ, ଭାନୁ ପ୍ରସାଦ ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜଙ୍ଗଲରୁ ଶିକାରୀ ଗିରଫ



ଡାବୁଗାଁ, ୨୮।୨ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳର ମଇଦଲପୁର ସେକ୍ସନ ଅଧୀନ ବାର୍ଲି ସଂରକ୍ଷିତ ଜଙ୍ଗଲରୁ ଡାବୁଗାଁ ବନ ବିଭାଗ ଜଣେ ଶିକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବଡ଼ବାର୍ଲି ଗ୍ରାମର ବେଶୁ ଜାନୀ (୩୫)। ସୂଚନାନୁଯାୟୀ, ମଇଦଲପୁର ସେକ୍ସନ ଅଧୀନ ବାର୍ଲି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବନ ବିଭାଗ ପାଟ୍ରୋଲିଂ କରୁଥିବାବେଳେ ୨ ଜଣ ଯୁବକ ବନ୍ଧୁକ ଧରି ବନ୍ୟଜନ୍ତୁ ଶିକାର ପାଇଁ ଯାଉଥିବା କର୍ମଚାରୀମାନେ ଦେଖିଥିଲେ। ବନ ବିଭାଗ କର୍ମଚାରୀ ସେମାନଙ୍କୁ ଧରିବାକୁ ଚେଷ୍ଟା କଲାବେଳେ ଜଣେ ଫେରାର ହୋଇ ଯାଇଥିଲେ। ବେଶୁ କିନ୍ତୁ ଧରା ପଡିଯାଇଥିଲେ। ତାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ କୁରାଢ଼ି ଜବତ କରାଯାଇଛି। ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗ ସୂଚନା ଦେଇଛନ୍ତି। ଏଥିରେ ମଇଦଲପୁର ସେକ୍ସନ ବନପାଳ ଉମାକାନ୍ତ ପଟ୍ଟନାୟକ, ବନରକ୍ଷୀ ବସନ୍ତ ନାୟକ ଓ ପର ଫରେଷ୍ଟ୍ରୀ କର୍ମଚାରୀମାନେ ସାମିଲ ଥିଲେ।

### ମହୁମାଛି ଆକ୍ରମଣରେ ୪ ଗୁରୁତର

ପାପଡାହାଣ୍ଡି ୨୮।୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ଅଧୀନ ଚାଉରିଆଗୁଡ଼ା ଗ୍ରାମରେ ମହୁମାଛି ଆକ୍ରମଣରେ ୪ ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପାପଡ଼ାହାଣ୍ଡି ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ସୂଚନାନୁଯାୟୀ ଚାଉରିଆଗୁଡା ଗ୍ରାମର ପଦମ ପୂଜାରୀ (୩୫), ବୁଚନ ଭତରା (୩୭), ରଘୁ ପୂଜାରୀ (୪୦ ) ଓ ବାକଚନ୍ଦ ଭତରା (୩୫) ଖରାବେଳେ ଖାଇ ସାରି ବିଶ୍ରାମ ନେବା ପାଇଁ ଗାଁ ଆମ୍ବତୋଟାକୁ ଯାଇଥିଲେ। ଏହି ସମୟରେ ମହୁମାଛି ଅତର୍କିତ ଭାବେ ସେମାନଙ୍କୁ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ସେମାନେ ଗାଁ ଭିତରକୁ ଦୌଡ଼ି ପଳାଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଡକାଇ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତର ସୂଚନା ଦେଇଛନ୍ତି।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଝରିଗାଁ,୨୮।୨(ସ୍ୱ.ପ୍ର.)-ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡ଼ ଟେମେରା ପଞ୍ଚାୟତ ସଦର ନିକଟ ଜଙ୍ଗଲକୁ ଦାନ୍ତକାଠି ପାଇଁ ଯାଇଥିବାବେଳେ ଜଣେ ଯୁବକଙ୍କୁ ଭାଲୁ ଆକ୍ରମଣ କରିଛି। ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏବେ ତାଙ୍କର ଚିକିତ୍ସା ଚାଲିଥିବା ସୂଚନା ମିଳିଛି।ବଡ଼ ଟେମେରା ଗ୍ରାମର ଟୁନା ନାୟକ(୨୮) ମଙ୍ଗଳବାର ସକାଳୁ ଦାନ୍ତକାଠି ଭାଙ୍ଗିବା ପାଇଁ ଗ୍ରାମ ନିକଟରେ ଥିବା ଶାଳ ଜଙ୍ଗଲକୁ ଯାଇଥିଲେ। ତେବେ ଜଙ୍ଗଲରେ ହଠାତ୍ ଏକ ଭାଲୁ ତାଙ୍କ ଉପରେ ଆକ୍ରମଣ କରିଥିଲା। ଟୁନାଙ୍କ ପାଟି ଶୁଣି ପାଖରେ ଥିବା ଲୋକମାନେ ଘଟଣା ସ୍ଥଳରେ ଆସି ପହଞ୍ଚି ଭାଲୁ କବଳରୁ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ତାଙ୍କୁ ଘରକୁ ଆଣିଥିଲେ। ଆମ୍ବୁଲାନ୍ସ ଡକାଇ ପରିବାର ଲୋକେ ତାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଟୁନାଙ୍କ ଆଖି ଏବଂ ପିଠିରେ ଗଭୀର ଆଘାତ ଲାଗିଥିବାରୁ ସେଠାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି।

# ସହରରେ ଚୋରି ବଢୁଛି, ଟେର୍ ପାଉନି ପୋଲିସ

ରାୟଗଡ଼ା(ସ୍ୱ.ପ୍ର.)/ରାୟଗଡ଼ା ଅଫିସ,୨୮।୨

ରାୟଗଡ଼ା ଜିଲା ସଦର ମହକୁମାରେ ଜିଲାପାଳଙ୍କ କାର୍ଯ୍ୟାଳୟ, ଜିଲା ପୋଲିସ କାର୍ଯ୍ୟାଳୟ ସମେତ ବହୁ ଜିଲାସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଚୋରି ଘଟଣା ବଢୁଥିବା ବେଳେ ଏହାକୁ ରୋକିବା ନେଇ କୌଣସି ଦୃଢ଼ ପଦକ୍ଷେପ ନିଆଯାଉନାହିଁ। ଅଧିକାଂଶ ଚୋରି ଘଟଣାର ଟେର ପାଉନି ପୋଲିସ। ଗତ ଦିନରେ ସହରରେ ସିରିଜ ଚୋରି ହୋଇଥିବା ବେଳେ ସୋମବାର ବିଳମ୍ବିତ ରାତିରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୫୦ ମିଟର ତଥା ଏସ୍‌ପି ଅଫିସଠାରୁ ୧୦୦ ମିଟର ଦୂରରେ ଥିବା ଏକ ଘରୁ ଚୋରି ହୋଇଛି।

ପ୍ରକାଶ ଯେ, ସୋମବାର ରାତିରେ ସୌରଭ ଫୁନ୍ଦନାନି ଓ ତାଙ୍କ ମା’ ସୀମା ଫୁନ୍ଦନାନି ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଝରକା ତାଡ଼ି ଘରେ ପଶି ଟଙ୍କା, ସୁନାରୁପା ଅଳଙ୍କାର ଚୋରି କରିଛନ୍ତି। ଘରୁ ପ୍ରାୟ ୫୦୦ ଗ୍ରାମ ସୁନା, ୩୦୦ ଗ୍ରାମ ରୁପା ଏବଂ ୩୯ ହଜାର ଟଙ୍କା ଚୋରି ହୋଇଥିବା ନେଇ ସୌରଭ ମଙ୍ଗଳବାର ସକାଳେ ଜାଣିବା ପରେ ପୋଲିସକୁ ସ ଜଣାଇଥିଲେ। ପୋଲିସ



ପୋଲିସ ସନ୍ଦେହରେ ବୁଲା ବିକାଳିଙ୍କ ଜିନିଷପତ୍ର ଯାଞ୍ଚ କରୁଛି।

ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ଏସ୍‌ଡିପିଓ ଦେବଜ୍ୟୋତି ଦାସ, ଥାନା ଆଇଆଇସି କେକେବିକେ କହଁର ଟିମ୍ ସହିତ ସେଠାରେ ପହଞ୍ଚି ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରିଥିଲେ। ସନ୍ଧାନୀ କୁକୁର ଘରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଗେଟ୍ ଭିତରକୁ ପଶି ଅନ୍ୟପଟେ ରହିଥିବା ଗେଟ୍ ଦେଇ ବାହାରକୁ ବାହାରିଥିଲା। ପରେ ସନ୍ଧାନୀ କୁକୁର ରାଜ୍ୟ ବାହାରୁ ଆସିଥିବା ବୁଲା ବିକାଳି ବସିଥିବା ସ୍ଥାନ ପାଖକୁ ଯାଇ ଅଟକିଥିଲା। ଉକ୍ତ ସ୍ଥାନଟି ଚୋରି ହୋଇଥିବା ଘରର ପଛପାର୍ଶ୍ୱ। ପୋଲିସ ଉକ୍ତ ବୁଲା ବିକାଳିଙ୍କ ଉପରେ ସନ୍ଦେହ କରି ସେମାନଙ୍କ ଜିନିଷପତ୍ର ଯାଞ୍ଚ କରିଥିଲେ ମଧ୍ୟ କୌଣସି ପତ୍ତା ମିଳିନାହିଁ। ତେବେ ଜିଲାପାଳ ଓ ପୋଲିସ କାର୍ଯ୍ୟାଳୟ ନିକଟବର୍ତ୍ତି ଅଞ୍ଚଳ ଯଦି ସୁରକ୍ଷିତ ନୁହେଁ, ତେବେ ଜିଲାବାସୀ କେତେ ସୁରକ୍ଷିତ ତାହା ଏଥିରୁ ଜଣାପଡୁଛି। ସହରରେ ଚୋରି ରୋକିବାରେ ପୋଲିସ ପ୍ରଶାସନ ବିଫଳ।

### ଏ ଯାଏ ଲାଗି ପାରିଲାନି ସିସି କ୍ୟାମେରା

ଜିଲା ସଦର ମହକୁମାରେ ସୁରକ୍ଷା ବ୍ୟବସ୍ଥା ପାଇଁ ୧୨୦ଟି ସ୍ଥାନରେ ସିସି କ୍ୟାମେରା ଲାଗିବା ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଗୋଟିଏ ବି ଲାଗିନାହିଁ। ଉକ୍ତ କାର୍ଯ୍ୟ ପୌର ବିଭାଗ ଦାୟିତ୍ୱରେ ଥିବା ବେଳେ ପୌର ନିର୍ବାହୀ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ସିସି କ୍ୟାମେରା ଲାଗିପାରୁନାହିଁ। ଜିଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ରାଇଘରରେ ୩ କରୋନା ସଂକ୍ରମିତ ଚିହ୍ନଟ

ରାଇଘର, ୨୮।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକରେ ୩ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଛତିଶଗଡ଼ ଅଞ୍ଚଳରୁ ଆସି ରାଇଘରରେ ରହୁଛନ୍ତି। ସେହିଭଳି ଆନ୍ଧ୍ରରୁ ଜଣେ ବ୍ୟକ୍ତି ଫେରିବା ପରେ ସେ ଓ ତାଙ୍କ ସ୍ତ୍ରୀ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ହାଟଭରାଣ୍ଡି ଡାକ୍ତରଖାନାରେ କେତେଜଣ ଲୋକ ଆସି କରୋନା ଟେଷ୍ଟ କରାଇଥିଲେ। ୨୫ ଓ ୨୭ ତାରିଖରେ ଟେଷ୍ଟ କରିଥିବା ଲୋକଙ୍କ ମଧ୍ୟରୁ ୩ଜଣଙ୍କ ରିପୋର୍ଟ ପଜିଟିଭ ଥିଲା। ସେମାନଙ୍କ ମଧ୍ୟରୁ ଜଣେ ସଂକ୍ରମିତ ଛତିଶଗଡ଼ ଗରିଆବନ୍ଧ ଅଞ୍ଚଳର ହୋଇଥିବା ବେଳେ ସେ କୌଣସି କାରଣରୁ ଓଡ଼ିଶା ଆସିଥିଲେ। ସେହିଭଳି ଅନ୍ୟ ଦୁଇଜଣ ରାଇଘର ବ୍ଲକ ହାତୀବେନା ଗ୍ରାମର। ଆକ୍ରାନ୍ତମାନଙ୍କୁ ଥଣ୍ଡା କାଶ ହେଉଥିବାରୁ ସେମାନେ କରୋନା ପରୀକ୍ଷା କରାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସମସ୍ତଙ୍କୁ ଔଷଧ ପ୍ରଦାନ କରାଯିବା ସହ ହୋମ ଆଇସୋଲେସନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି। ପ୍ରକାଶ ଯେ, ପ୍ରତ୍ୟେକ ଦିନ ହାଟଭରାଣ୍ଡି ଡାକ୍ତରଖାନାରେ କରୋନା ପରୀକ୍ଷା କରାଯାଉଛି। ପ୍ରାୟ ଏକ ବର୍ଷ ମଧ୍ୟରେ ସଂକ୍ରମିତ ସଂଖ୍ୟା ଶୂନ ଥିଲା। ଏବେ ଦୁଇ ଦିନ ମଧ୍ୟରେ ୩ ଜଣ ସଂକ୍ରମିତ ଥିବା ଜଣାପଡିବା ପରେ ସ୍ଥାନୀୟ ଲୋକେ ଭୟଭୀତ ଅଛନ୍ତି।

# ଗଞ୍ଜେଇ ଜବତ, ୫ ଗିରଫ



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

ମୁନିଗୁଡା,୨୮।୨(ଡି.ଏନ.ଏ)

ମୁନିଗୁଡା ଥାନା ତରଫରୁ ରେଲୱେ ଅଟୋଷ୍ଟାଣ୍ଡ ନିକଟରେ ଚଢ଼ାଉ କରାଯାଇ ୩୩ କେଜି ଗଞ୍ଜେଇ ଜବତ ସହ ୫ ଜଣଙ୍କୁ ଗିରଫ କରାଯାଇଛି। ଗିରଫଙ୍କ ମଧ୍ୟରେ ୩ ଜଣ ମହିଳା ଅଛନ୍ତି। ଏସଡିପିଓ ଆକାଶ ଚନ୍ଦ୍ର ସାହୁ ଗଞ୍ଜେଇ ଚୋରା ଚାଲାଣକାରୀ ଗ୍ରୁପ ଗଞ୍ଜେଇ ଧରି କନ୍ଧମାଳରୁ ବସ ଯୋଗେ ମୁନିଗୁଡା ଆସୁଥିବା ଖବର ପାଇଥିଲେ। ସେମାନେ ତାହାକୁ ଟ୍ରେନ ଯୋଗେ ପଶ୍ଚିମବଙ୍ଗ ନେବେ ବୋଲି ଖବର ମଧ୍ୟ ପହଞ୍ଚିଥିଲା। ମୁନିଗୁଡା ଥାନା ଆଇଆଇସି ସୁଜ୍ଞାନୀ ସାହୁ, ଏସଆଇ ନରସିଂହ ବେହେରା ଟିମ୍ ସହିତ ରେଲୱେ ଷ୍ଟେଶନ ମୁଖ୍ୟ ଫାଟକ ନିକଟରେ ଛକି ରହିଥିଲେ। ସନ୍ଧ୍ୟାରେ ୩ ଜଣ ମହିଳା ଓ ୨ଜଣ ପୁରୁଷ ୬ଟି ବ୍ୟାଗ ଧରି ଅଟୋଷ୍ଟାଣ୍ଡରୁ ଷ୍ଟେଶନ ଦିଗକୁ ଯିବାକୁ ଉଦ୍ୟମ କରିବା ବେଳେ ପୋଲିସ ସେମାନଙ୍କୁ କାବୁ କରି ଥାନାକୁ ନେବା ସହ ଗଞ୍ଜେଇ ଜବତ କରିଥିଲା। ଅଭିଯୁକ୍ତମାନେ ହେଲେ ସବିତା ଦିଗାଲ(୫୩), ମିନତୀ ଦିଗାଲ(୫୦), କନକ ଦିଗାଲ(୨୬), ସୁରଜ ଦିଗାଲ(୨୯) ଓ ଅନୀଲ ଦିଗାଲ (୩୧)। ଏମାନେ ସମସ୍ତେ ଫୁଲବାଣୀ ଥାନା ଅନ୍ତର୍ଗତ ପିସୁପଦର ଗ୍ରାମର ବୋଲି ତଦନ୍ତ ବେଳେ ଜଣାପଡିଛି। ଏ ନେଇ ନଂ୧୫/୨୩ରେ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ, ସହାୟକଙ୍କ ସ୍ଥାୟୀ ନିଯୁକ୍ତି ଦାବି

ରାୟଗଡ ଅଫିସ,୨୮।୨

ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ଏମବିକେ, ସିଆରପି, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର ଏବଂ ଏଲଏସପି ଭଳି କମ୍ୟୁନିଟି ସପୋର୍ଟ ଏବଂ ସହାୟକ ଷ୍ଟାଫଙ୍କ ଚାକିରି ସ୍ଥାୟୀ ସହ ଦରମା ବୃଦ୍ଧି ଦାବି କରିଛି ଆମ ଆଦମୀ ପାର୍ଟି (ଏଏପି)। ମଙ୍ଗଳବାର ଏଏପିର ରାୟଗଡା ଜିଲା ସଭାପତି ତଥା ରାଜ୍ୟ ସଂପାଦକ (ସଂଗଠକ), ମୁଖପାତ୍ର ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସମେତ ମହିଳା ଓ ପୁରୁଷ କର୍ମୀମାନେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ୧ଘଣ୍ଟା ଧରି ଧାରଣା ଦେବା ସହ ମିଶନ ଶକ୍ତି ଅଧିନରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କ ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କୁ ପ୍ରଦାନ କରିଥିଲେ। ଦୀର୍ଘ ବର୍ଷ ଧରି ବିଜେଡି ଶାସନ ଗାଦିରେ ବସିଥିବା ବେଳେ ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଓ ସହାୟକ ଷ୍ଟାଫଙ୍କ ନ୍ୟାର୍ଯ୍ୟ ଦାବିକୁ ନବୀନ ସରକାର ଅଣଦେଖା କରିଛନ୍ତି। ଗତ ଫେବୃଆରୀ ୨୦ ତାରିଖରେ ୨୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଆନ୍ଦୋଳନ କରିଥିଲେ ମଧ୍ୟ ସରକାର ଦାବି ପ୍ରତି କର୍ଣ୍ଣପାତ କଲେ ନାହିଁ। ଚଳିତ ୨୦୨୩–୨୪ ବଜେଟକୁ ଏକ ବଲକା ବଜେଟ ବୋଲି ଦାବି କରୁଥିବା ସରକାର ମିଶନ ଶକ୍ତିର ସହାୟକ କର୍ମଚାରୀଙ୍କୁ କାହିଁକି ସ୍ଥାୟୀ କରିବାରେ ରାଜି ହେଉନାହାନ୍ତି ତାହା ଜଣାପଡୁନାହିଁ ବୋଲି ଆପ ପକ୍ଷରୁ କୁହାଯାଇଛି। ଯଥାଶୀଘ୍ର ଏମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ନ କଲେ ଆଗାମୀ ଦିନରେ ଏଏପି ପକ୍ଷରୁ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସ୍ୱାଇଁ କହିଛନ୍ତି। କାର୍ଯ୍ୟକ୍ରମରେ ପୌର ନଗର ସଭାନେତ୍ରୀ ସୁଚିତ୍ରା ପାଇକ,ମଧୁସୂଦନ ପାଣିଗ୍ରାହୀ, ଲକି ଶଗଡିଆ,ଜିତେନ୍ଦ୍ର ସେନାପତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।



ଏଏପିର ଦଳୀୟକର୍ମୀମାନେ ଦାବିପତ୍ର ଦେଉଛନ୍ତି।

# ନିଖୋଜ ନାବାଳିକାଙ୍କୁ ଉଦ୍ଧାର କଲେ ସମିତିସଭ୍ୟା

ଗୁଣପୁର,୨୮।୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକ ଟିଟିମିରି ପଞ୍ଚାୟତ ମୁଣ୍ଡା ଗ୍ରାମର ଜଣେ ନାବାଳକ ଦୁଇ ଦିନ ହେଲା ନିଖୋଜ ଥିବାବେଳେ ମଙ୍ଗଳବାର ତାଙ୍କୁ ଉଦ୍ଧାର କରାଯାଇଛି। ସେ ହେଲେ ଅମର ଶବର(୧୦)। ଉଦ୍ଧାର ପରେ ଅମରଙ୍କୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଗତ ଦୁଇ ଦିନ ହେବ ଅମର କୌଣସି ଏକ କାରଣକୁ ନେଇ ଘରୁ ପଳାଇଥିଲେ। ସେ ଗୁଣପୁର ସହରର ଏସପିଗୁଡା ସ୍ଥିତ ଓଭର ବ୍ରିଜ ତଳେ ଠିଆ ହୋଇଥିବା ବେଳେ ମଙ୍ଗଳବାର ରାମନାଗୁଡା ବ୍ଲକ କୁଜେନ୍ଦ୍ରୀ ପଞ୍ଚାୟତ ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ମାଣ୍ଡାଙ୍ଗି ତାଙ୍କୁ ଧରିଛି। ଏହା ପରେ ସେ ପିଲାଙ୍କୁ ପଚରା ଉଚରା କରି ଅମରଙ୍କୁ ଗୁଣପୁର ଥାନାକୁ ନେଇ ଯାଇଥିଲେ। ପରିବାର ବର୍ଗଙ୍କ ସଂପର୍କରେ ଅନୁସନ୍ଧାନ କରାଯାଇଥିଲା। ଲକ୍ଷ୍ମୀପ୍ରିୟା ପୁଟାସିଂ ସରପଞ୍ଚ ଏସିଓ ଶବରଙ୍କ ସହ ଯୋଗାଯୋଗ କରିଥିଲେ। ପୁଟାସିଂ ସରପଞ୍ଚ ଟିଟିମିର ସରପଞ୍ଚ ଦିବାକର ଶବରଙ୍କ ସହ ଯୋଗାଯୋଗ କରିଥିଲେ। ପୁଅ ସୁରକ୍ଷିତ ଭାବେ ଫେରିଥିବାରୁ ପରିବାର ଲୋକେ ଖୁସି ଅଛନ୍ତି। ସମିତି ସଭ୍ୟା ମାନବିକତା ଦେଖାଇଥିବାରୁ ସେ ପ୍ରଶଂସା ସାଉଁଟିଛନ୍ତି।

# ଝିଅମାନଙ୍କୁ ବୈଷୟିକ ଶିକ୍ଷା ଦେଇ ଆତ୍ମନିର୍ଭରଶୀଳ କରିବାକୁ ଆହ୍ୱାନ

ଚନ୍ଦାହାଣ୍ଡି, ୨୮।୨(ଡି.ଏନ୍.ଏ.)

### ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପରିସରରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଚନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝିଙ୍କ ନେତୃତ୍ୱରେ ଜିଲା ନିଯୁକ୍ତି ଅଧିକାରୀ ଆନନ୍ଦ ପଲାଇ, ଚନ୍ଦାହାଣ୍ଡି ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷ ରଞ୍ଜନ ପରିଡା, ତପସ୍ୱିନୀ ଦାଶ, ଆକ୍ସନଏଡ୍‌ର ଜିଲା ସଂଯୋଜକ ଫକୀର ଚରଣ ରାଉତ, ସିଡିପିଓ ସୌରେନ୍ଦ୍ରୀ ମହାନନ୍ଦ, ଜୋନ–୧ ଜିଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ, ମୋହରା ସରପଞ୍ଚ ଜଳନ୍ଧର ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପସ୍ଥିତ ଛାତ୍ରୀମାନଙ୍କୁ ବୈଷୟିକ ତାଲିମ ଏବଂ ଏହାପରେ ବିଭିନ୍ନ ନିଯୁକ୍ତି ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ବାଲ୍ୟ ବିବାହ ବନ୍ଦ କରି ଝିଅମାନଙ୍କୁ ବିଭିନ୍ନ ବୈଷୟିକ ଶିକ୍ଷା ଦେଇ ଆତ୍ମନିର୍ଭରଶୀଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଶିବିରରେ ୧୪୩ ଛାତ୍ରୀ ବିଭିନ୍ନ ଟ୍ରେଡ୍‌ରେ ବୈଷୟିକ ଶିକ୍ଷା ନେବା ପାଇଁ କାଉନସେଲିଂ କରିଥିବା ନେଇ ବିଡିଓ ସୂଚନା ଦେଇଥିଲେ। କାଉନସେଲିଂ ପଞ୍ଜୀକରଣରେ ବ୍ଲକର ସମସ୍ତ କର୍ମଚାରୀ,ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିକାରୀ ଏବଂ ରୋଜଗାର ସହାୟକମାନେ ସହଯୋଗ କରିଥିଲେ। ଚନ୍ଦାହାଣ୍ଡି ଶିଳ୍ପ ତାଲିମ କେନ୍ଦ୍ର ବୈଷୟିକ ଅଧିକାରୀ ମାନଗୋବିନ୍ଦ ବାଘ, ଭୀମସେନ ଲଙ୍ଗୁରି, ଦେବଜ୍ୟୋତି ନାୟକ, ଅଙ୍ଗନୱାଡି ପରିଦର୍ଶିକା ନନ୍ଦିନୀ ଶତପଥୀ, ଫୁଲସରା ଭତ୍ରା, ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ସମସ୍ତ ଅଙ୍ଗନୱାଡି କର୍ମୀ ଏବଂ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଦୋଳ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

ପଦ୍ମପୁର, ୨୮।୨ (ଡି.ଏନ୍.ଏ.)

ପଦ୍ମପୁରରେ ଐତିହାସିକ ଦୋଳଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପଦ୍ମପୁର ଶ୍ରୀରାଧାକୃଷ୍ଣ ଯୁଗୋଳ କିଶୋର ମହାପ୍ରଭୁଙ୍କ ମନ୍ଦିର ସମ୍ମୁଖ ଦୋଳଯାତ୍ରା ପଡିଆଠାରେ ଯାତ୍ରା ଅନୁଷ୍ଠିତ ହେବ। ଆସନ୍ତା ୪ତାରିଖ ଠାରୁ ଏହି ଯାତ୍ରା ଆରମ୍ଭ ହୋଇ ୧୨ ତାରିଖରେ ସରିବ। ଏହି ସମୟ ମଧ୍ୟରେ ନୟାଗଡ଼ ଜିଲା ରଣପୁର ସ୍ଥିତ ଶ୍ରୀ ରାମଚଣ୍ଡୀ ସାଂସ୍କୃତିକ ପରିଷଦର ପୌରାଣିକ ନାଟକ ରାମାୟଣ ପରିବେଷଣ କରାଯିବା ସହ ପ୍ରହ୍ଲାଦ ନାଟକ ପରିବେଷଣ ପାଇଁ ମଧ୍ୟ ସ୍ଥିର କରାଯାଇଛି ବୋଲି ମନ୍ଦିର ପରିଚାଳକ ବଂଶୀଧର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ରାୟଗଡ଼ା କଲେଜରେ ଜାତୀୟ ବିଜ୍ଞାନ ଦିବସ



ମଞ୍ଚାସୀନ ଅତିଥିମାନେ।

ରାୟଗଡ଼ା,୨୮।୨(ସ୍ୱ.ପ୍ର.)

ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ଗନ୍ତାୟତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ ଡ. କାର୍ତ୍ତିକ ଚନ୍ଦ୍ର ଲେଙ୍କା ଓ ସମ୍ମାନିତ ଅତିଥି ଭାବେ ଏମଏସଏସଆରଏ ଡ. ଉପେନ୍ଦ୍ର ପ୍ରସାଦ ତ୍ରିପାଠୀ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ପୂର୍ବତନ ମୁଖ୍ୟ ବନ୍ୟ ସଂରକ୍ଷକ ଶିଶିର ରଥ ଭିଡିଓ କନଫରେନ୍ସ ମାଧ୍ୟମରେ ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ଛାତ୍ରୀଛାତ୍ରମାନେ ବିଜ୍ଞାନର ଉପଯୋଗିତା ବିଷୟ ଉପସ୍ଥାପନ କରିଥିଲେ। ଏଥିସହ ଏହି ଦିବସ ପରିପ୍ରେକ୍ଷୀରେ ସୋମବାର ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ବିଜ୍ଞାନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସେବା, ତ୍ୟାଗରେ ବ୍ରତୀହେବାକୁ ଆହ୍ୱାନ

ଉମରକୋଟ, ୨୮।୨(ସ୍ୱ.ପ୍ର.)

### ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ଶିକ୍ଷା, ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଉମରକୋଟସ୍ଥିତ ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନବରଙ୍ଗପୁର ଜିଲାସ୍ତରୀୟ ଜୁନିଅର ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଡିଇଓ ପ୍ରଦୀପ କୁମାର ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପାପଡ଼ାହାଣ୍ଡି ବିଇଓ ବୀରେନ୍ଦ୍ର କୁମାର ପାଢ଼ୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ପୂର୍ବତନ ଚିକିତ୍ସାଧିକାରୀ ସୁରେନ୍ଦ୍ର ନାଥ ଦାସ, ଉମରକୋଟ ବିଇଓ ବିକାଶ ଚନ୍ଦ୍ର ସରକାର,ପୂର୍ବତନ ଆଇପିଇ ବିଭାସ୍ ଦେ, ରେଡକ୍ରସ ଅଧିକାରୀ ନାରାୟଣ ପାଇକରାୟ, ଜିଲା ଆଇପିଇ ପ୍ରଫୁଲ୍ଲ ପଟ୍ଟନାୟକ, ନୋଡାଲ ପ୍ରଧାନ ଶିକ୍ଷକ ରିଚପାଲ ସାଗର ଓ ଜିଲାର ସମସ୍ତ ବିଇଓ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ଆଇପିଇ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ଜୁନିଅର ରେଡ୍‌କ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେବା ଓ ତ୍ୟାଗ ଭଳି ମହାନ୍ ବ୍ରତରେ ସାମିଲ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ପ୍ରେରଣା ଦେଇଥିଲେ। ଡକ୍ଟର ପ୍ରଦୀପ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ନରେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ସମଗ୍ର ଜିଲାରୁ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହା ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବ।




ଉଦ୍‌ଘାଟନୀ ଦିବସରେ ମଞ୍ଚାସୀନ ଅତିଥିମାନେ।

# ଯୁବସମାଜ ବିକଶିତ ହେଲେ ରାଷ୍ଟ୍ରର ବିକାଶ ହେବ

### ନବରଙ୍ଗପୁର କଲେଜରେ ଜିଲାସ୍ତରୀୟ ଯୁବ ସଂସଦ

ନବରଙ୍ଗପୁର,୨୮।୨(ବି.ପ୍ର.)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର ମହାବିଦ୍ୟାଳୟରେ ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଯୁବ ସଂସଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଯୁବ କେନ୍ଦ୍ର ସ୍ୱେଚ୍ଛାସେବୀ ବାଣୀପ୍ରିୟା ପାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଭାସ୍କର ନାଥ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଜିଲାପାଳ ଡ. କମଳଲୋଚନ ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଉଚିତ୍ ମାର୍ଗ ଚୟନ କରି ଯୁବଶକ୍ତିକୁ ବିକଶିତ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଏହାର ଠିକ ଉପଯୋଗ କରିବାକୁ ଯୁବ ସମାଜକୁ ଜିଲାପାଳ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନ୍ୟା ଦାଶ, ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଜୟ କୁମାର ମିଶ୍ର ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ସେମାନେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଯୁବ ସମାଜ ବିକାଶିତ ହେଲେ ସମାଜ ଓ ରାଷ୍ଟ୍ରର ବିକାଶ ହେବ। ସମସ୍ତେ ଏ ଦିଗରେ କାର୍ଯ୍ୟ କରି ଜିଲାର ଯୁବ ସମାଜକୁ ଆଗକୁ ନେବାପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଜିଲା ଯୁବ ଅଧିକାରୀ ବି. ରମେଶ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବର୍ଷ ତମାମ କରାଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଯୁବ ରେଡ୍‌କ୍ରସ ଅଧିକାରୀ ଅଧ୍ୟାପକ ଦିଲ୍ଲୀପ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରୁ ଫେରିଥିବା ୪ ଜଣ ପ୍ରତିଯୋଗୀ ବକ୍ତବ୍ୟ ରଖିଥିଲେ। ରାଜନୀତି ବିଭାଗ ପକ୍ଷରୁ ଯୁବ ସଂସଦର ଆୟୋଜନ ହୋଇଥିଲା। ଏହାକୁ ଅଧ୍ୟାପକ ହରିଶ୍ଚନ୍ଦ୍ର ଶବର ପରିଚାଳନା କରିଥିଲେ। ଏହାପରେ ବିଭିନ୍ନ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

